# Visit of External Affairs Minister, Dr. S. Jaishankar, to New Zealand and Australia (October 05-11, 2022)

October 03, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ଗସ୍ତ (05-11 ଅକ୍ଟୋବର 2022)

**ଅକ୍ଟୋବର 03, 2022**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 05-11 ଅକ୍ଟୋବର 2022 ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ଗସ୍ତ କରିବେ।

2. ନ୍ୟୁଜିଲ୍ୟାଣ୍ଡକୁ ଏହା ତାଙ୍କର ପ୍ରଥମ ଗସ୍ତ ହେବ। ବୈଦେଶିକ ବ୍ୟାପାର ମନ୍ତ୍ରୀ 06 ଅକ୍ଟୋବରରେ ଅକଲ୍ୟାଣ୍ଡରେ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀମତୀ ଜାକିଣ୍ଡା ଆର୍ଡର୍ନଙ୍କ ସହିତ ଏକ କାର୍ଯ୍ୟକ୍ରମରେ ଭାଗନେବେ ଯେଉଁଠାରେ ନ୍ୟୁଜିଲ୍ୟାଣ୍ଡରେ ବସବାସ କରୁଥିବା ଭାରତୀୟ ସମୁଦାୟର ସଦସ୍ୟମାନଙ୍କୁ ସେମାନଙ୍କର ଅତୁଳନୀୟ ସଫଳତା ଓ ଅବଦାନ ପାଇଁ ସମ୍ମାନିତ କରାଯିବ। ନ୍ୟୁଜିଲ୍ୟାଣ୍ଡରେ ଆଜାଦି କା ଅମୃତ ମହୋତ୍ସବ ପାଳନ ପାଇଁ ତଥା ପ୍ରଦର୍ଶନ କରିବା ପାଇଁ ଉଭୟ ନେତା ଭାରତ@75 ଡାକ ଟିକଟ ଉନ୍ମୋଚନ କରିବେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ପୁସ୍ତକ 'ମୋଦୀ@20: ଡ୍ରିମ୍ସ ମିଟ୍ ଡେଲିଭରି' ପୁସ୍ତକ ଉନ୍ମୋଚନ କରିବେ। ଶିଖ ସମ୍ପ୍ରଦାୟ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ବନ୍ଧନକୁ ଦର୍ଶାଇଥିବା ଏକ ପୁସ୍ତକ 'ହାର୍ଟଫେଲ୍ଟ – ଦି ଲିଗାସି ଅଫ ଫେଥ୍' ମଧ୍ୟ ଉନ୍ମୋଚିତ ହେବ।

3. ଆମ ସମ୍ପର୍କର ସମସ୍ତ ଦିଗ ବିଷୟରେ ଆଲୋଚନା ଓ ସମୀକ୍ଷା କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ନ୍ୟୁଜିଲ୍ୟାଣ୍ଡର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ନାନାୟା ମହୁଟାଙ୍କ ସହିତ ଅକଲ୍ୟାଣ୍ଡରେ ଦ୍ୱିପାକ୍ଷିକ ବୈଠକ କରିବେ। ସେ ଗୋଷ୍ଠୀ ତଥା ସ୍ୱେଚ୍ଛାସେବୀ କ୍ଷେତ୍ର, ବିବିଧତା, ସମ୍ମିଳିତ ଓ ଜାତିଗତ ଗୋଷ୍ଠୀ ଏବଂ ଯୁବ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ପ୍ରିୟଙ୍କା ରାଧାକ୍ରିଷ୍ଣନଙ୍କ ସମେତ ଅନେକ ମନ୍ତ୍ରୀ, ସଂସଦର ସଦସ୍ୟ, ବ୍ୟବସାୟ ସମୁଦାୟର ସଦସ୍ୟ, ଏବଂ ଭାରତୀୟ ଛାତ୍ରଛାତ୍ରୀଙ୍କ ସମେତ ପ୍ରବାସୀ ଭାରତୀୟମାନଙ୍କ ସହିତ ବାର୍ତ୍ତାଳାପ କରିବେ। ଶ୍ରୀମତୀ ରାଧାକ୍ରିଷ୍ଣନ ହେଉଛନ୍ତି ନ୍ୟୁଜିଲ୍ୟାଣ୍ଡରେ ମନ୍ତ୍ରୀ ଭାବରେ ନିଯୁକ୍ତି ପାଇଥିବା ପ୍ରଥମ ଭାରତୀୟ ମୂଳର ବ୍ୟକ୍ତି। ସେ ୱେଲିଙ୍ଗଟନରେ ଭାରତୀୟ ଉଚ୍ଚାୟୋଗର ନୂତନ ନିର୍ମିତ ଭବନକୁ ଉଦଘାଟନ କରିବେ।

4. ଅଷ୍ଟ୍ରେଲିଆରେ ବୈଦେଶିକ ବ୍ୟାପାର ମନ୍ତ୍ରୀ କାନବେରା ଏବଂ ସିଡନୀ ପରିଦର୍ଶନ କରିବେ। ଚଳିତ ବର୍ଷ ଅଷ୍ଟ୍ରେଲିଆକୁ ଏହା ତାଙ୍କର ଦ୍ୱିତୀୟ ଗସ୍ତ ହେବ। ଏହା ପୂର୍ବରୁ ସେ ଫେବୃଆରୀ 2022 ରେ ମେଲବର୍ଣ୍ଣରେ କ୍ୱାଡ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗ ଦେଇଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ମାନ୍ୟବର ଶ୍ରୀମତୀ ପେନି ୱଙ୍ଗଙ୍କ ସହିତ 13 ତମ ବୈଦେଶିକ ମନ୍ତ୍ରୀମାନଙ୍କ ଫ୍ରେମୱାର୍କ ଆଲୋଚନାରେ (ଏଫଏମଏଫଡି) ଭାଗନେବେ। ସେ ଅଷ୍ଟ୍ରେଲିଆର ଉପମୁଖ୍ୟମନ୍ତ୍ରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ମାନ୍ୟବର ଶ୍ରୀ ରିଚାର୍ଡ ମାର୍ଲେସଙ୍କୁ ମଧ୍ୟ ସାକ୍ଷାତ କରିବେ। ସିଡନୀ ସ୍ଥିତ ଲୋଇ ପ୍ରତିଷ୍ଠାନ ସମେତ ଅଷ୍ଟ୍ରେଲିଆର ନୌସେନା, ଗଣମାଧ୍ୟମ ଏବଂ ଥିଙ୍କଟ୍ୟାଙ୍କଙ୍କ ସହିତ ମଧ୍ୟ ସେ ବାର୍ତ୍ତାଳାପ କରିବେ।

**ନୂଆଦିଲ୍ଲୀ**

**ଅକ୍ଟୋବର 03, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.